
VICCO
ବିଶ୍ୱସନୀୟ ଆୟୁର୍ବେଦ
1952 ରୁ
Go natural
ଦାମ୍ କମ୍ ହୋଇଛି, ଦମ୍ ନୁହେଁ।
160g* ର ଭିକୋ ବଜ୍ରଦନ୍ତୀ ପାନମଧୁରୀ ଫ୍ଲେଭର
ମାତ୍ର ₹65/-*
VICCO VAJRADANTI
18 HERBS AND BARKS
SAUNF FLAVOUR
ପାନମଧୁରୀ ଫ୍ଲେଭର
Weight* | M.R.P.*
160g | ₹65
80g | ₹35
40g | ₹15
20g | ₹10
ଘରକୁ ଆଣନ୍ତୁ 18 ଆୟୁର୍ବେଦିକ ଜଡ଼ିବୁଟିର ଶକ୍ତି ବାଲା ଭିକୋ ବଜ୍ରଦନ୍ତୀ ପାନମଧୁରୀ ଫ୍ଲେଭର । ଯାହା ମାଢ଼ିର ଫୁଲା, ବ୍ଲିଡିଂ ଗମ୍ସ, ପାଇରିଆ, ସେନ୍ସିଟିଭିଟିରୁ ବଞ୍ଚାଏ ଏବଂ ଶ୍ୱାସକୁ ରଖେ ତାଜା, ମିତବ୍ୟୟୀ ଦାମ୍‌ରେ ।
*All M.R.P's are inclusive of all taxes • Offer valid till stocks last • Stocks also available without offer • Available in selected states/cities
ସମ୍ପୂର୍ଣ୍ଣ ସ୍ୱଦେଶୀ
ପ୍ରାକୃତିକ ଏବଂ ସୁରକ୍ଷିତ • ପିଲାଙ୍କ ପାଇଁ ସୁରକ୍ଷିତ • ଫ୍ଲୋରାଇଡ୍ ଫ୍ରୀ • ଟ୍ରାଇକ୍ଲୋସନ୍ ଫ୍ରୀ
www.viccolabs.com • Like us on /ViccoLabs
Shop online at www.viccoestore.com • Customer Care Cell No. 0712-2420890


5 STAR PROMISE
Follow us on:
Arundhati JEWELLERS
subha Akshaya Tritiya
ON NEXT AKSHYA TRITIYA ZERO MAKING ASK US HOW
NOW AT STEEL CITY ROURKELA GRAND OPENING ON 2nd MAY 2022
FREE EQUIVALENT WEIGHT OF SILVER JEWELLERY WITH GOLD JEWELLERY. BOOK YOUR JEWELLERY BY PAYING MINIMUM 5% IN ADVANCE.
UPTO 50% OFF ON GOLD JEWELLERY MAKING CHARGE
FREE
ON GOLD JEWELLERY PURCHASE
UPTO 25% OFF Diamond Value
Diamond 100% Exchange Value
FREE GOLD & SILVER COIN ON EVERY GOLD JEWELLERY PURCHASE
ASSURED GIFT ON EVERY PURCHASE
LOWEST GOLD RATE WITH MAXIMUM DESIGN IN YOUR TOWN.
GRAND INAUGURAL OFFER FOR ONLY ROURKELA BRANCH
*T&C apply
BHUBANESWAR | BERHAMPUR | ROURKELA | SAMBALPUR | BALANGIR | BARGARH | BHAWANIPATNA, TOLL FREE:1800 345 0018 | www.arundhatijewellers.com


Akshaya Tritiya Extravaganza
Bring some divine blessings home with Lalchnd Jewellers
LALCHND
Odisha's Most Trusted Jeweller
ଆକର୍ଷଣୀୟ ଫ୍ଲାଟ୍ ଗଢାମଜୁରୀ ଏବଂ ଅଫର୍
ସାଧାରଣ ସର୍ଣ୍ଣ ଅଳଙ୍କାର ଗ୍ରାମ ପ୍ରତି* ₹୪୯୯
ଡିଜାଇନର ଅଳଙ୍କାର ଗ୍ରାମ ପ୍ରତି* ₹୬୯୯
ହାଇ - ଏଣ୍ଡ ଅଳଙ୍କାର ଗ୍ରାମ ପ୍ରତି* ₹୭୯୯
ମାନ୍ୟତାପ୍ରାପ୍ତ ହୀରା ଉପରେ ଫ୍ଲାଟ୍ ୨୦*% ରିହାତି
ରୂପା ଗଢାମଜୁରୀ ଉପରେ ଫ୍ଲାଟ୍ ୫୦*% ରିହାତି
ଏହି ଅଫର୍ କେବଳ ରଘୁନାଥପୁର, କଟକ ଏବଂ ବ୍ରହ୍ମପୁର ଷ୍ଟୋର୍ ପାଇଁ ପ୍ରଯୁଜ୍ୟ ।
ମାଗଣା ସର୍ଣ୍ଣ ମୁଦ୍ରା
୧.୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ
ମାଗଣା ରୌପ୍ୟ ମୁଦ୍ରା
୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ
୨୦୨୨ ଅପ୍ରେଲ୍ ୨୯ ଠାରୁ ମଇ ୮ ପର୍ଯ୍ୟନ୍ତ ସମସ୍ତ ଷ୍ଟୋର୍‌ରେ ଉପଲବ୍ଧ ।
5% EXTRA CASHBACK#
SBI card
LIQUILOANS
BUY YOUR FAVOURITE JEWELLERY NOW & PAY LATER ON EASY EMI
#Min. Trxn.: ₹30,000; Max. Cashback: ₹2,500 per card account.
Validity: 28 Apr - 04 May 2022. T&C Apply.
ବର୍ତ୍ତମାନ ରେଶମ ସହର ବ୍ରହ୍ମପୁରରେ
FLAGSHIP STORE : NANDANKANAN ROAD, RAGHUNATHPUR CONTACT : 0674 2469149/ 150/ 251
STATION SQUARE, UNIT- 3, BHUBANESWAR, ODISHA, CONTACT- 0674 2534016/ 17/ 18
CANTONMENT ROAD, CUTTACK - 753001 CONTACT- 0671 2302505 / 2303505 / 2304505
SIDHI VINAYAK TOWERS, DHARMANAGAR, MOUZA ALAKAPUR, BERHAMPUR - 760002 CONTACT- 0680- 2229400/ 02/ 04

# ବଦଳିପାରନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨।୫

ଭାଜପା ନେତା ବାସବରାଜ ବୋମାଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ୯ ମାସ ମଧ୍ୟରେ ଅନେକ ବିବାଦର ସମ୍ମୁଖୀନ ହୋଇଛନ୍ତି। ଆସନ୍ତାବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ଥିବାରୁ ଏହା ଦଳ ଉପରେ ପ୍ରଭାବ ପକାଇବା ଶାସକ ଦଳ ଆଶଙ୍କା କରୁଛି। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିବାବେଳେ ସୋମବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବେଙ୍ଗାଲୁରୁ


ବାସବରାଜ ବୋମାଇ

ଗସ୍ତରେ ଯାଇଥିବାରୁ ଏହି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ ସେଭଳି କିଛି

## ୟେଦୁରପ୍ପାଙ୍କ ଖଣ୍ଡନ

ପରିବର୍ତ୍ତନ ହେବାର ନାହିଁ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଜଣେ ଭାଜପା ନେତା ସୂଚନା ଦେବା ପରେ ବୋମାଇ ବାଦ୍ ପଡ଼ିବା ନେଇ ଆଲୋଚନା ଆରମ୍ଭ ହୋଇଯାଇଥିଲା। ରାଜ୍ୟ ନେତୃତ୍ୱରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାର କ୍ଷମତା ଭାଜପା କେନ୍ଦ୍ରୀୟ ନେତୃତ୍ୱର ରହିଛି ବୋଲି ରାଷ୍ଟ୍ରୀୟ ସାଂଗଠନିକ ସମ୍ପାଦକ ବି.ଏଲ୍. ସନ୍ତୋଷ କହିଥିଲେ। ରାଜନୀତିରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। କାରଣ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ସହଜ କଥା ନୁହେଁ। ସତ୍ତା ବିରୋଧୀ ହାୱା ଜୋର୍‌ଦାର ହେଉଥିବାର ଦ୍ୱିତୀୟ ଥର ନିର୍ବାଚନ ଜିତିବା ଏକ ଚ୍ୟାଲେଞ୍ଜ ବୋଲି ସନ୍ତୋଷ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟ ପରେ ବର୍ଷକ ମଧ୍ୟରେ ପୁଣିଥରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଏଭଳି ଖବରକୁ ଅସ୍ୱୀକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ବୋମାଇ ଭଲ କାମ କରୁଛନ୍ତି। ତେଣୁ ନେତୃତ୍ୱ ପରିବର୍ତ୍ତନ ହେବାର ନାହିଁ ବୋଲି ୟେଦୁରପ୍ପା କହିଛନ୍ତି।

# ଉମରକୋଟ ବିଜେଡିରେ ଗୋଷ୍ଠୀ କନ୍ଦଳ ଚର୍ଚ୍ଚା

ଉମରକୋଟ, ୨।୫(ସ୍ୱ.ପ୍ର.)

ଗୋଟିଏ ଘଟଣାକୁନେଇ ବିଜେଡିପକ୍ଷରୁ ଦୁଇ ଦୁଇଟି ଖବରଦାତା ସମ୍ମିଳନୀ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଚାଲିଛି ପ୍ରତିଯୋଗିତା। ନବରଙ୍ଗପୁର ଜିଲା ଉମରକୋଟ ପୌରାଧକ୍ଷା ଏବଂ ଉପାଧ୍ୟକ୍ଷ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଡାକିଥିଲେ। ଏହାର ଦିନକ ପରେ ପୁଣି ଥରେ ଆଉ ଏକ ଖବରଦାତା ସମ୍ମିଳନୀ କରିଛନ୍ତି ବିଜେଡି କର୍ମୀ। ପ୍ରଥମ ସମ୍ମିଳନୀରେ ଉପସ୍ଥିତ ହେଲେନାହିଁ ଅଧେରୁ ଅଧିକ କାଉନ୍‌ସିଲର। ଦ୍ୱିତୀୟ ସମ୍ମିଳନୀରେ ରହିଲେନି ଅଧକ୍ଷା ଏବଂ ଉପାଧ୍ୟକ୍ଷ। ଏହାକୁ ନେଇ ଦଳ ମଧ୍ୟରେ କନ୍ଦଳ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଉମରକୋଟସ୍ଥିତ ଉପଖଣ୍ଡ ଡାକ୍ତରଖାନାର ଅତ୍ୟାଧୁନିକ ନୂତନ କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ୨୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ

## ଗୋଟିଏ ଘଟଣାକୁ ନେଇ ୨ ପକ୍ଷଙ୍କ ଖବରଦାତା ସମ୍ମିଳନୀ

ଧନ୍ୟବାଦ ଦେବା ପାଇଁ ଅଧକ୍ଷା ଏବଂ ଉପାଧ୍ୟକ୍ଷ ଶନିବାର ନିଜ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲେ। ଏଥିରେ ଅଧକ୍ଷା ରାଧା ଭତ୍ରା ଏବଂ ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କ ସମେତ ୩ ନମ୍ବର ୱାର୍ଡର ଭିକି ନାୟକ ଏବଂ ୭ ନମ୍ବର ୱାର୍ଡ କାଉନ୍‌ସିଲର ନେତ୍ର ହରିଜନ ଉପସ୍ଥିତ ଥିଲେ। ଏହାର ଦିନକ ପରେ ରବିବାର ସନ୍ଧ୍ୟାରେ ସମାନ ଘଟଣାକୁ ନେଇ ବିଜେଡି ପକ୍ଷରୁ ପୁଣି ଥରେ ଆଉ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ମଧ୍ୟ ସମାନ ପ୍ରସଙ୍ଗ ଉଠିଥିଲା। ଏହି ଖବରଦାତା ସମ୍ମିଳନୀରେ ନଗର ସଭାପତି କୈଳାସ ନାୟକ, ବ୍ଲକ ସଭାପତି ମନୋଜ ଧଳ, ରାଇଘର ବ୍ଲକ ଅଧକ୍ଷା ତଥା ଜିଲା ମହିଳା ସଭାନେତ୍ରୀ ନବୀନା ନାୟକ, ରଶ୍ମି ସାନ୍ତ୍ରା, ପ୍ରଫୁଲ୍ଲ ପଣ୍ଡାଙ୍କ ସହ ୧ନଂ. ୱାର୍ଡ କାଉନ୍‌ସିଲର ତପନ ଦେବନାଥ, ୨ନଂ. ୱାର୍ଡର ଚିତ୍ତ ପାତ୍ର, ୪ନଂ. ୱାର୍ଡର ନିଲମ ହରିଜନ, ୬ ନଂ. ୱାର୍ଡର ସଞ୍ଜୟ ସରକାର, ୯ ନଂ. ୱାର୍ଡର ଇତିଶ୍ରୀ ଦଳେଇ, ୧୨ ନଂ. ୱାର୍ଡର ରେବାରାଣୀ ମଣ୍ଡଳ, ୧୩ ନଂ. ୱାର୍ଡର ଶିଖାରାଣୀ ସରକାର, ୧୪ ନଂ. ୱାର୍ଡର ଚିନ୍ମୟୀ ଠାକୁର ଉପସ୍ଥିତ ଥିଲେ। ଏଥିରେ ଅଧକ୍ଷା ଏବଂ ଉପାଧ୍ୟକ୍ଷ ଉପସ୍ଥିତ ନ ଥିଲେ। ଉମରକୋଟ ଡାକ୍ତରଖାନାର ମୁଖ୍ୟ ସମସ୍ୟା ଡାକ୍ତର ଅଭାବ, ରକ୍ତଭଣ୍ଡାର ଏବଂ ଅନ୍ୟ ଅସୁବିଧାକୁ ଆଡେଇ ନୂତନ କୋଠା ନିର୍ମାଣ ଅନୁଦାନକୁ ନେଇ ଚାଲିଛି ଟଣାଓଟରା। ଏଥିରୁ ବିଜେଡିରେ ଗୋଷ୍ଠୀ କନ୍ଦଳ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ପଚାରିବାକୁ ଏମ୍‌ପି ତଥା ବିଜେଡି ଜିଲା ସଭାପତି ରମେଶ ମାଝିଙ୍କୁ ତାଙ୍କ ମୋବାଇଲ ନଂ ୯୧୭୮୨୬୪୪୯୩ରେ ଯୋଗାଯୋଗ କରାଯାଇଥିବାବେଳେ ତାହା କିନ୍ତୁ ବନ୍ଦ ଥିଲା।

# ରାଜନୈତିକ ଦଳ ଗଢ଼ିପାରନ୍ତି ପ୍ରଶାନ୍ତ କିଶୋର

ନୂଆଦିଲ୍ଲୀ,୨।୫

କଂଗ୍ରେସରେ ଯୋଗଦେବାକୁ ମନା କରିଦେବା ପରେ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତା ବଢୁଥିବାବେଳେ ସେ ନିଜସ୍ୱ ଦଳ ଗଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏବେ ବିହାର ଗସ୍ତରେ ଥିବା କିଶୋର ଜନସାଧାରଣଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବେ ଓ ସେଗୁଡ଼ିକର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଜଣାପଡ଼ିଛି। ସେ ନିର୍ବାଚନ ରଣନୀତିକାର ଭୂମିକା ଛାଡ଼ି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ନିଜସ୍ୱ ରାଜନୈତିକ ଦଳ ଗଢ଼ିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଛି।

ଆଇ-ପିଏସିର ପ୍ରତିଷ୍ଠାତା କିଶୋର ସୋମବାର ଟୁଇଟ୍ କରି


ପ୍ରଶାନ୍ତ କିଶୋର

ତାଙ୍କ ରାଜନୈତିକ ଅଭିଯାନର ନୂଆ ପର୍ଯ୍ୟାୟ ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି। ସେଥିପାଇଁ ସେ ବିହାର ଯାଇଛନ୍ତି। ସେଠାରୁ ସେ 'ଜନଯାତ୍ରା' ଆରମ୍ଭ କରିବେ। ୨୦୧୫ ବିହାର ବିଧାନସଭା ନିର୍ବାଚନ ବେଳେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପାଇଁ କିଶୋର କାର୍ଯ୍ୟ କରିଥିଲେ। ଏଥର ବିହାର ତାଙ୍କ ଜନ ସୁରାଜ ଅଭିଯାନର ସ୍ପ୍ରିଙ୍ଗବୋର୍ଡ ବୋଲି କୁହାଯାଉଛି।

# ଦଳରୁ ଇସ୍ତଫା ଦେଲେ କର୍ପୋରେଟର ପ୍ରାର୍ଥୀ

ବ୍ରହ୍ମପୁର ଅଫିସ,୨।୫

ବ୍ରହ୍ମପୁର ପୌର ନିର୍ବାଚନ ସରିଛି ଏବଂ ଫଳାଫଳ ଘୋଷଣାକୁ ମାସେ ବିତିଛି। ଏବେ ଭାଜପାରେ ବିବାଦ ବଢ଼ିଚାଲିଛି। ଗତ ସପ୍ତାହରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ବ୍ରହ୍ମପୁର ଗସ୍ତରେ ଆସି ପୌର ନିର୍ବାଚନର ସମୀକ୍ଷା କରିବା ବେଳେ ମେୟର ପ୍ରାର୍ଥୀ ସବିତା ସୁଆର ପାଣିଗ୍ରାହୀଙ୍କ ଅନୁପସ୍ଥିତି ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଥିଲା। ଏଥିନିମନ୍ତେ ଜିଲା ସଭାପତି ଏବଂ ୨୦୧୯ ସାଧାରଣ ନିର୍ବାଚନର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀଙ୍କୁ ଟାର୍ଗେଟ କରିଥିଲେ ସବିତା। ଭାଜପା ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତି ଏହାର ଜବାବ ରଖିଥିଲେ।

ଏବେ ଆଉ ଏକ ବିବାଦ ସୃଷ୍ଟି ହୋଇଛି। କାହ୍ନୁ ପତିଙ୍କୁ ଆରୋପ କରି ମେ' ୨ରେ ୨୬ନଂ. ୱାର୍ଡ ଭାଜପା

## ବ୍ରହ୍ମପୁର ଭାଜପାରେ ବଢୁଛି ବିବାଦ

କର୍ପୋରେଟର ପ୍ରାର୍ଥୀ ସୁନୀଲ କୁମାର ପାତ୍ର ଦଳର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ଓ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ବିଭୂତି ଜେନାଙ୍କୁ ଇସ୍ତଫା ପତ୍ର ପଠାଇଛନ୍ତି। ସୋମବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପୌର ନିର୍ବାଚନ ଠିକଣା ଭାବେ ପରିଚାଳନା ହୋଇ ନ ଥିବାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୩୬ କର୍ପୋରେଟର ପ୍ରାର୍ଥୀଙ୍କ ମଧ୍ୟରୁ ୨୯ ଜଣ ପରାଜିତ ହୋଇଥିବା ଇସ୍ତଫା ପତ୍ରରେ ସୁନୀଲ ଦର୍ଶାଇଛନ୍ତି।

ଅପରପକ୍ଷରେ ନିର୍ବାଚନ ପାଇଁ ରାଜ୍ୟ ସଂଗଠନ ପକ୍ଷରୁ ମିଳିଥିବା ଅର୍ଥ ମଧ୍ୟ ବ୍ୟାପକ ହେରଫେର କରାଯାଇଥିବା ନେଇ ଆଉ ଏକ ସଂଗିନ ଅଭିଯୋଗ କରିଛନ୍ତି। ଦଳରେ ଶୃଙ୍ଖଳା ନ ଥିବା ଏବଂ ନେତାଙ୍କ ଅପାରଗତା ଓ ବିଶୃଙ୍ଖଳିତ କାର୍ଯ୍ୟ ଯୋଗୁ ପୌର ନିର୍ବାଚନରେ ଭାଜପାର ଶୋଚନୀୟ ପରାଜୟ ଘଟିଥିବା ଉଲ୍ଲେଖ କରିଛନ୍ତି। ତେଣୁ ଏହି ସଂଗଠନରୁ ସମ୍ପୂର୍ଣ୍ଣ ଦୂରେଇବାକୁ ବାଧ୍ୟ ହୋଇଥିବା ପାତ୍ର ସ୍ପଷ୍ଟ ଭାବେ ସୂଚାଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ ହେଉଥିବା ନେତା କହୁଥିବା ବେଳେ କର୍ମୀ, ପ୍ରାର୍ଥୀଙ୍କ ଅସନ୍ତୋଷ ଓ ଇସ୍ତଫା ବ୍ରହ୍ମପୁର ଭାଜପାରେ ସଙ୍କଟ ଘନୀଭୂତ ହେଉଥିବା ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଦେବଗଡ଼ ବିଧାୟକଙ୍କ ଗିରଫ ପ୍ରତିବାଦରେ ୧୨ ଘଣ୍ଟିଆ ବନ୍ଦ

ଦେବଗଡ଼,୨।୫(ଡି.ଏନ୍.ଏ)

ଦେବଗଡ଼ ଜିଲା ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ରବିବାର ପୋଲିସ ଦେବଗଡ଼ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ ଓ ତାଙ୍କର ତିଲେଇବଣୀ ବ୍ଲକ ନୋମିନିଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ବିଧାୟକଙ୍କୁ ଭୁବନେଶ୍ୱରରୁ ଗିରଫ କରି ଦେବଗଡ଼ ଆଣିବା ପରେ ବିଧାୟକଙ୍କ ଗିରଫଦାରି ନେଇ ଜିଲା ତଥା ରାଜ୍ୟ ଭାଜପା ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଧାନସଭାର ଉପନେତା ତଥା କେନ୍ଦୁଝର ବିଧାୟକ ମୋହନ ମାଝି, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଓ କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ ପ୍ରମୁଖ ଦେବଗଡ଼ ଗସ୍ତରେ ଆସି ବିଧାୟକଙ୍କ ଗିରଫଦାରିର ପ୍ରତିବାଦ ଓ ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଗିରଫ ଦାବିରେ ଥାନା ଘେରାଉ କରିଥିଲେ। ଏହି ଅବସରରେ ସେମାନେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେହିପରି ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାଜପା ପକ୍ଷରୁ ଦେବଗଡ଼ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଏହି ଡାକରା ଅନୁଯାୟୀ ଜିଲା ଭାଜପା ସଭାପତି ମୀନକେତନ ନାୟକଙ୍କ ନେତୃତ୍ୱରେ ଜିଲାବ୍ୟାପି ବନ୍ଦ ପାଳନ କରାଯାଇଥିଲା। ଦେବଗଡ଼ ପୌରାଞ୍ଚଳର ପୁରୁଣା ପୋଷ୍ଟ ଅଫିସ ଛକ, ନିଳବେର୍ଣ୍ଣୀ ସାହି ବାଇପାସ୍ ଛକ ଓ ପୁରୁଣାଗଡ଼ ବାଇପାସ୍ ଛକ ସମେତ ତିଲେଇବଣୀ, ରିଆମାଳ ଓ ବାରକୋଟ ବ୍ଲକ ସଦର ମହକୁମାରେ ଶହଶହ ଭାଜପା ନେତା ଓ କର୍ମୀ ଏକତ୍ରିତ ହୋଇ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥଗୁଡିକୁ ଅବରୋଧ କରିଥିଲେ। ସେହିପରି ଭାଜପା ନେତା ଓ କର୍ମୀମାନେ ଦୋକାନ ବଜାର ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ପିକେଟିଂ କରି ବନ୍ଦ କରିଥିଲେ। ତେବେ ଦେବଗଡ଼ ସହରରେ ଦୈନିକ ବଜାର ଖୋଲା ରହିଥିଲା। ଏହି ବନ୍ଦପାଳନରେ କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ଜିଲା ଭାଜପା ଉପସଭାପତି ହରମୋହନ ପାଣି, ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବରିଷ୍ଠ ନେତା ରୋହିତ ଗଙ୍ଗଦେବ, ଜିଲା ଯୁବ ମୋର୍ଚ୍ଚା ସଭାପତି



ଦେବଗଡ଼ରେ ଭାଜପା ପକ୍ଷରୁ ବନ୍ଦ ପାଳନ କରାଯାଉଛି।

ସନ୍ତୋଷ କୁମାର ଭୂତିଆ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ରାଜେନ୍ଦ୍ର କୁମାର ଆଚାର୍ଯ୍ୟ ଓ ନଗର ଭାଜପା ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆଙ୍କ ସମେତ ୬ ଭାଜପା କାଉନସିଲରଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ । ପ୍ରକାଶ ଯେ, ଗତ ଶନିବାର ଛେପିଲିପାଲି ଗ୍ରାମପଞ୍ଚାୟତର ଭାଲିଆଗୁଡି ଗ୍ରାମରେ ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ବିଧାୟକ ପାଣିଗ୍ରାହୀ ତାଙ୍କର ନୋମିନି ଓ ସମର୍ଥକଙ୍କ ସହିତ ମିଶି ସଂଘବଦ୍ଧ ଆକ୍ରମଣ କରିବା ସହ ଅପହରଣ ଏବଂ ହତ୍ୟା ଉଦ୍ୟମ କରିଥିବା ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା । ଅନ୍ୟପକ୍ଷରେ ବିଧାୟକ ପାଣିଗ୍ରାହୀଙ୍କୁ ତିଲେଇବଣି ବିଡିଓ ଦଳପତି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ବିଧାୟକ ପାଣିଗ୍ରାହୀ ମଧ୍ୟ ଅଭିଯୋଗ କରିଥିଲେ। ପାଣିଗ୍ରାହୀ ତାଙ୍କର ୨ ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ତିଲେଇବଣି ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ବିଧାୟକଙ୍କୁ ଗିରଫ ଘଟଣାରେ ବଢୁଛି ରାଜନୀତି

ଭୁବନେଶ୍ୱର,୨।୫(ବ୍ୟୁରୋ):

ତିଲେଇବଣି ବିଡିଓଙ୍କୁ ମାଡ଼ ମାରିବା ଅଭିଯୋଗରେ ଦେବଗଡ଼ ବିଧାୟକ ସୁବାସ ପଣିଗ୍ରାହୀଙ୍କୁ ରବିବାର ତାଙ୍କ ସରକାରୀ ବାସଭବନରୁ ଗିରଫ କରାଯାଇଛି। ସୁବାସ ଏବେ ଚିକିତ୍ସାଧୀନ ଅବସ୍ଥାରେ ଥିବାବେଳେ ତାଙ୍କ ଗିରଫଦାରିକୁ ଭାଜପା ନେତା ଓ କର୍ମୀମାନେ ବିରୋଧ କରିଛନ୍ତି। ଅପରପକ୍ଷରେ ଓଏଏସ୍ ସଂଘ ପକ୍ଷରୁ ଏହି ଘଟଣାର ପୁନରାବୃତ୍ତି ଯେପରି ଭବିଷ୍ୟତରେ ନ ହେବ ସେନେଇ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପଟେ ହସ୍ପିଟାଲରେ ସୁବାସ କହିଛନ୍ତି ଯେ, ବିଧାନସଭାରେ ଚାଷୀଙ୍କ କଥା ଉଠାଯାଇଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଥିଲା। ସୁଯୋଗ ମିଳିବା କ୍ଷଣି ଗିରଫ କଲେ। ଶାସକ ଦଳ ଏବଂ ରାଜ୍ୟ ସରକାରଙ୍କ ଚାପରେ ତାଙ୍କୁ ଗିରଫ କରାଯାଇଛି। ଦେବଗଡ଼ ଜିଲାକୁ ଆସୁଥିବା ଟଙ୍କା ହରିଲୁଟ ହେଉଛି। ଏନେଇ ପ୍ରଶ୍ନ କଲେ ହତ୍ୟା ଧମକ ମିଳୁଛି। ବିଧାୟକ ଭାବେ ଉନ୍ନତିମୂଳକ କାର୍ଯ୍ୟ ନେଇ ଅଧିକାରୀମାନଙ୍କୁ ତାଙ୍କର ପ୍ରଶ୍ନ କରିବାର ଅଧିକାର ରହିଛି ବୋଲି ସୁବାସ କହିଛନ୍ତି।

ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ବିଳମ୍ବରେ ବା ସଙ୍ଗେସଙ୍ଗେ ଗିରଫ ହେବା ଆଇନ ପରିସରର କଥା। ଆଇନ ତା' ବାଟରେ ଯାଉ। ସେମାନଙ୍କ ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ

- ସରକାରଙ୍କ ବିରୋଧରେ ମୁହଁ ଖୋଲିବାରୁ ଏମିତି: ସୁବାସ
- ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଓଏଏସ୍ ସଂଘ

ପ୍ରଣୋଦିତ ବୋଲି ଅଶ୍ୱିନୀ କହିଛନ୍ତି। ଅନ୍ୟପଟେ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ରଖି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ରାଜ୍ୟରେ କିଛି ସରକାରୀ ଅଧିକାରୀଙ୍କ ପାଇଁ ବିଜେଡି ନେତାଙ୍କ ଏତେ ଦରଦ କାହିଁକି ଜଣାପଡୁନି। ସେ ଦେବଗଡ଼ରେ ଅଛନ୍ତି ଏବଂ ସତ୍ୟ କ'ଣ ତାଙ୍କୁ ଜଣାଅଛି। କିଛି ଅଫିସର ଆପଣଙ୍କ ପାର୍ଟିର କର୍ମୀ ଭଳି କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ଭଲ ଶାସନ ଚାଲିଛି ବୋଲି କହିବା ହାସ୍ୟାସ୍ପଦ ବୋଲି ମୋହନ କହିଛନ୍ତି। ଅପରପକ୍ଷରେ ବିଧାୟକଙ୍କୁ ବହିଷ୍କାର ଦାବିରେ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏହି ଘଟଣାରେ ମୁଖ୍ୟ ଶାସନ ସଚିବ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଓଏଏସ୍ ସଂଘ ଭେଟିଛି। ଓଏଏସ୍ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ମିଶ୍ର କହିଛନ୍ତି, ସରକାର ଏହି ଘଟଣାରେ ସମ୍ପୃକ୍ତଙ୍କୁ ଅତି କମ୍ ସମୟ ଭିତରେ ଗିରଫ କଲେ। ତେବେ ଏପରି ଘଟଣାର ପୁନରାବୃତ୍ତି ନ ଘଟିବା ନେଇ ସଂଘ ପକ୍ଷରୁ ଦାବି କରାଯାଇଥିବା ସେ କହିଛନ୍ତି।

# ଡିଜିପିଙ୍କୁ ଭେଟିଲେ ଭାଜପା ବିଧାୟକ ପ୍ରତିନିଧି ଦଳ

କଟକ ଅଫିସ, ୨।୫

ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଗିରଫଦାରିର ପ୍ରତିବାଦ କରିଛି ଭାଜପା। ଏ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଓ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଦଳର ୧୨ ଜଣ ବିଧାୟକ ସୋମବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଡିଜିପି ସୁନୀଲ କୁମାର ବଂଶଲଙ୍କୁ ଭେଟିଛନ୍ତି। ସେମାନେ ବିଧାୟକ ପାଣିଗ୍ରାହୀଙ୍କ ଗିରଫଦାରି ବିଷୟରେ ଡିଜିପିଙ୍କ ସହ ଆଲୋଚନା କରିଛନ୍ତି। ପ୍ରତିନିଧି ଦଳ କହିଛି, ଦେବଗଡ଼ ବିଧାୟକ ପାଣିଗ୍ରାହୀ ଜଣେ ଶୃଙ୍ଖଳିତ ବିଧାନସଭା ସଦସ୍ୟ। ତାଙ୍କୁ ସ୍ଥାନୀୟ ବିଡିଓ ଅପମାନିତ କଲାଭଳି ବ୍ୟବହାର କରିଥିଲେ। ପାଣିଗ୍ରାହୀ ପ୍ରଥମେ ଏତଲା ଦେଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଅନ୍ୟପକ୍ଷେ ଏହାର ଅଢେଇ ଘଣ୍ଟା ପରେ ବିଡିଓ ଦେଇଥିବା ଏତଲା ଅନୁସାରେ ବିଧାୟକଙ୍କୁ ଗିରଫ କରାଗଲା। ରାଜ୍ୟରେ ବିରୋଧୀମାନଙ୍କ କ୍ଷେତ୍ରରେ ଏଭଳି ଘଟଣା ବାରମ୍ବାର ହେଉଛି। ନିର୍ବାଚିତ ପ୍ରତିନିଧିଙ୍କ କଥା ନ ଶୁଣି ପୋଲିସ ଏକପାଖିଆ ହେଉଥିବା ନେଇ ସେମାନେ ପ୍ରତିବାଦ କରିଥିଲେ। ଉକ୍ତ ବିଡିଓଙ୍କୁ ତୁରନ୍ତ ଗିରଫ କରିବାକୁ ବିଧାୟକ ଦଳ ଦାବି କରିଥିଲେ। ନଚେତ ଦଳ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହି ଦଳରେ ଉଦଳା ବିଧାୟକ ଭାସ୍କର ମଢେଇ, ନୀଳଗିରି ବିଧାୟକ ସୁକାନ୍ତ ନାଏକ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ସାରସକଣା ବିଧାୟକ ଡ. ବୁଢ଼ାନ ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ବରିଷ୍ଠ ଭାଜପା ନେତା ବିନୋଦ ଦାଶ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ମଲ୍ଲିକ ଏବଂ ମିଡିଆ ସେଲ୍ ରାଜ୍ୟ ସଂଯୋଜକ ସୁଜିତ ଦାସ ପ୍ରମୁଖ ସାମିଲ ଥିଲେ।


**OFFICE OF THE MUNICIPAL COUNCIL, BALASORE**
BALASORE (ODISHA), PIN - 756003
Tel. No.: 06782-251267 (O), Fax No.: 06782-251222
e-mail: balasoremunicipality@rediffmail.com
Notification No. 3229 Dt.30.04.2022
No. C-192: The details can be downloaded from official website of Balasore District **http://baleswar.nic.in**.
Sd./- Executive Officer,
Balasore Municipality
OIPR-13154/11/0004/2223



FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. : 273/2021**
Union Bank of India, Courtpeta Branch ... Applicant
Versus
**M/s. Patra Enterprises and Others** ... Defendant(s)
To
1) **M/s. Patra Enterprises,** At - Babaji Tota Street, Near Old Busstand, Berhampur, Ganjam, Odisha, Shop at - Bada Bazar, Berampur, Dist - Ganjam, represented by its Prop. Jamuna Patra
2) **Jamuna Patra**, W/o - Subash Candra Patra, At - Goilundi Main Road, Berhampur, Dist. - Ganjam, Odisha, Pin - 760002
3) **Subash Candra Patra**, S/o - P. Gurumurty Patra, At - Goilundi Main Road, Berhampur, Dist. - Ganjam, Odisha, Pin 760002
**SUMMONS BY PAPER PUBLICATION**
**FOR SHOWING CAUSE AS TO HY THE RELIEF PRAYED SHOULD NOT BE GRANTED**
Take notice that the applicant has instituted on O.A. No. **273/2021** in the court of the Debts of Recovery Tribunal, Cuttack for recovery of **Rs. 38,05,077/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30days from theh publication or on **10.06.2022 at 10.30 a.m.** as to why reliefs prayed for should not be granted. Take notice that in case of default, the application will be heard and determined in their absence. Given under my hand seal of this Tribunal on this **26th day April 2022**.
**SD/- M. K. Patnaik (REGISTRAR)**



**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
JAL "O" PARIMAL BHAWAN, UNIT - V, BHUBANESWAR - 751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com
No. O-153 **INVITATION FOR BIDS (IFB)**
**BID IDENTIFICATION NO. EIC/RWSS/06/2022-23**
No. 3501 Date: 30.04.2022

| | | | |
|---|---|---|---|
| 1 | The Engineer-In-Chief, RWSS, Odisha, Bhubaneswar, on behalf of Panchayati Raj & Drinking Water Department, Governor of Odisha invite tenders in double cover system in ONLINE MODE only for Selection of Contractor/ Executing Agency for Design, engineering, supply, installation, testing, commissioning and acceptance of **Solar PV Integrated Dual Pump based Water Supply System through off-grid mode including laying of distribution pipelines and providing Functional Household Tap Connection (FHTCs)** along with Comprehensive Maintenance for five (5) years for 06 different packages in the State of Odisha. | | |
| 2 | Nature of work | : | Selection of Contractor/ Executing Agency for Design, engineering, supply, installation, testing, commissioning and acceptance of Solar PV integrated Dual Pump based Water Supply System through off-grid mode including laying of distribution pipelines and providing Functional Household Tap Connection (FHTCs) along with Comprehensive Maintenance for five (5) years for 06 different packages in the State of Odisha. |
| 3 | Number of works | : | **06 Nos individual works** (01 no. per each package) |
| 4 | Estimated Cost | : | Ranging from Rs.10 Crore to Rs.40 Crore |
| 5 | Cost of Bid Document | : | Rs.10,000/- each district (Non-refundable) |
| 6 | Class of Contractor | : | Sole Proprietorship firm/ Partnership Firms/ Company registered with the Odisha State Government and Contractors of equivalent grade/ class registered with Central Government/ any other State Government/ MES/ Railways and Reputed Engineering Firms. **Joint Venture/ Consortium is allowed**. |
| 7 | Availability of Bid Documents in the portal for Online Bidding | : | **From 05:00 PM of 12.05.2022 to 05:00 PM of 16.06.2022.** |
| 8 | Date of opening of Bid in Online | : | **18.06.2022 at 11.30 A.M.** |
| 9 | The bidders have to participate in ONLINE Bidding only for which the bidder must possess compatible Digital Signature Certificate (DSC) of Class II or Class III. Further details can be seen from the e-procurement portal **http://tendersorissa.gov.in**. | | |

Sd./- 30.04.2022
Engineer-in-Chief, RWSS
OIPR-25003/11/0004/2223



SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ,
୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)
[ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ ଆକାଉଣ୍ଟ ନଂ. | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ଅର୍ଜୁନ ପଣ୍ଡା,** ପିତା: ୰ ଗୁରୁ ପ୍ରସାଦ ପଣ୍ଡା, ବାସସ୍ଥାନ ଠିକଣା- ଗ୍ରାମ: ଅରଣ୍ଡୁଆ, ଭାୟା: ବାସୁଦେବପୁର, ଜିଲ୍ଲା: ଭଦ୍ରକ / **ଆକାଉଣ୍ଟ ନଂ.: ୩୬୧୮୯୦୫୯୩୭, ୩୫୭୨୬୦୯୩୫୦୫, ୩୫୭୩୨୦୧୧୫୭୯ ଏବଂ ୩୯୫୧୩୮୨୧୨୯୦** | **ଜାମିନଦାର: ୰ ଗୁରୁ ପ୍ରସାଦ ପଣ୍ଡା,** ୰ ଗୁରୁ ପ୍ରସାଦ ପଣ୍ଡାଙ୍କ ଆଇନଗତ ଉତ୍ତରାଧିକାରୀ: **ଶ୍ରୀ ସୁଦର୍ଶନ ପଣ୍ଡା,** ପିତା: ୰ ଗୁରୁ ପ୍ରସାଦ ପଣ୍ଡା, ବାସସ୍ଥାନ ଠିକଣା- ଗ୍ରାମ: ଅରଣ୍ଡୁଆ, ଭାୟା: ବାସୁଦେବପୁର, ଜିଲ୍ଲା: ଭଦ୍ରକ / **ସମ୍ପତ୍ତିର ମାଲିକମାନେ: ଶ୍ରୀ ଅର୍ଜୁନ ପଣ୍ଡା ଏବଂ ୰ ଗୁରୁ ପ୍ରସାଦ ପଣ୍ଡା** | (୧) ଶ୍ରୀ ଅର୍ଜୁନ ପଣ୍ଡାଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଗାଡି- ଓଡ଼ି-୦୧ୟୁ-୧୨୧୨, ଅଶୋକ ଲିଲ୍ୟାଣ୍ଡ ବସ୍, (୨) **୰ ଗୁରୁ ପ୍ରସାଦ ପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୨୯/୬୧୬, ପ୍ଲଟ୍ ନଂ.: ୬୬୭/୬୫୫୦, କ୍ଷେତ୍ର: ଏକର୦.୦୪ଡିସିମିଲି, ଅନୁରୂପ ଏମ୍.ଏସ୍ ଆର୍‌ଓଆର୍ ନଂ.: ୭୮୨, ପ୍ଲଟ୍ ନଂ.: ୬୬୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି, ମୌଜା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୫, ଏହାର ଚତୁର୍ପାର୍ଶ୍ୱରେ- ନୟନଜୋରି (ବ୍ୟବହୃତ ରାସ୍ତା), ପଶ୍ଚିମ: ବିକ୍ରେତା (କାହ୍ନୁ ଚରଣ ଦାସ), ଉତ୍ତର: ଚିତ୍ତ ମହାନ୍ତି, ଦକ୍ଷିଣ: ପ୍ଲଟ୍ ନଂ. ୬୬୭ର ଅବଶିଷ୍ଟ ଜମି | ୩୧.୦୧.୨୦୨୨ | ୨୮.୦୪.୨୦୨୨ | ୨୭.୦୪.୨୦୨୨ ସୁଦ୍ଧା ଟ.୩୮,୨୩,୭୭୦/- + ୨୮.୦୪.୨୦୨୨ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତାମାନେ: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ ଏବଂ ଶ୍ରୀ ରାଜେଶ କୁମାର ସାହୁ,** ଉଭୟଙ୍କ ବାସସ୍ଥାନ ଠିକଣା- ସା/ପୋ.: ହଣ୍ଡପା, କିଶୋରଗଞ୍ଜ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୭ / **ଆକାଉଣ୍ଟ ନଂ.: ୩୭୯୭୭୭୯୧୯୦୬** | **ସମ୍ପତ୍ତି ମାଲିକ: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ** | ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪/୨୪, ପ୍ଲଟ୍ ନଂ.: ୧୦୫, କ୍ଷେତ୍ର: ଏକର୨.୦୮୦ଡିସିମିଲି, କିସମ: ଘରବାରି, ପ୍ଲଟ୍ ନଂ.: ୧୦୩, କ୍ଷେତ୍ର: ଏକର୧.୦୭୦ଡିସିମିଲି, କିସମ: ତଇଲା-୨, ପ୍ଲଟ୍ ନଂ.: ୧୫୮, କ୍ଷେତ୍ର: ଏକର୨.୩୦୦ଡିସିମିଲି, କିସମ: ତଇଲା-୨, ପ୍ଲଟ୍ ନଂ.: ୧୬୦, କ୍ଷେତ୍ର: ଏକର୦.୭୩୦ଡିସିମିଲି, କିସମ: ତଇଲା-୨, ମୌଜା: ହିଞ୍ଜିରିଡା, ତହସିଲ: କିଶୋର ନଗର, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ଓଡ଼ିଶା | ୨୮.୦୧.୨୦୨୨ | ୩୦.୦୪.୨୦୨୨ | ୨୯.୦୪.୨୦୨୨ ସୁଦ୍ଧା ଟ.୩୯,୧୯,୩୪୧/- + ୩୦.୦୪.୨୦୨୨ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୨.୦୫.୨୦୨୨
ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ,
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ

## ଜଙ୍ଗଲରେ ଛଡ଼ାଗଲା କୁଟୁରା

**ବନ୍ତଳା,୨।୫(ଡି.ଏନ.ଏ):** ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ପୋକତୁଙ୍ଗା ଗ୍ରାମ ଭିତରକୁ ସୋମବାର ସକାଳେ ବଲଙ୍ଗ ରିଜର୍ଭ ଜଙ୍ଗଲରୁ ଏକ କୁଟୁରା ପଶି ଆସିଥିଲା। କୁକୁରପଲ ଆକ୍ରମଣ କରିବାରୁ ଗ୍ରାମର ବାବୁଲି ମୁଖୀଙ୍କ ଘର ଭିତରକୁ ଭୟରେ କୁଟୁରା ପଶି ଯାଇଥିଲା। ସରପଞ୍ଚ ସୁଜିତ ମହାଲିକ ପହଞ୍ଚି ବନ୍ତଳା ବନବିଭାଗକୁ ଜଣାଇଥିଲେ। ରେଞ୍ଜରଙ୍କ ନେତୃତ୍ୱରେ ଫରେଷ୍ଟର, ଗାର୍ଡ ପହଞ୍ଚି କୁଟୁରାକୁ ଉଦ୍ଧାର କରି ନୂଆଖେତା ରିଜର୍ଭ ଜଙ୍ଗଲରେ ଛାଡ଼ିଦେଇଥିଲେ।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

**ଢେଙ୍କାନାଳ ଅଫିସ,୨।୫-** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ସ୍ଥାନୀୟ ରେଙ୍ଗାଳି କଲୋନୀଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ଏହି ଶିବିରରେ ସଚିବ ସୁକାନ୍ତ କିଶୋର ଜେନା ଯୋଗଦେଇ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଓ ସେମାନଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶ୍ରମ ଅଧିକାରୀ ସତ୍ୟ ନାରାୟଣ ଆଚାର୍ଯ୍ୟ, ସହକାରୀ ଶ୍ରମ ଅଧିକାରୀ ରଶ୍ମୀରଞ୍ଜନ ବରାଳ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧିକରଣ ପାରାଲିଗାଲ ଭଲ୍ୟୁଣ୍ଟିୟର ରାମେଶ୍ୱର ମାଇତି, ଅନୁପ ନାୟକ ଓ ବଶିଷ୍ଟ ବରାଳ ଏଥିରେ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ଚାଷୀ ମୃତ

**କାମାକ୍ଷାନଗର,୨।୫(ଡି.ଏନ.ଏ):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ତୋର ଗ୍ରାମରେ ରବିବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରୋହିତ କୁମାର ସାହୁ(୬୦)। ରୋହିତ ଭଗିପଶି ନିକଟରେ ଥିବା ଚାଷ ଜମିକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦେଶରେ ପ୍ରଦର୍ଶିତ ହେବ ମୁକ୍ତି ସଳିତା ଓ ଚକରା ବିଶୋଇ



**ଢେଙ୍କାନାଳ ଅଫିସ,୨।୫-** ଢେଙ୍କାନାଳର ନାଟ୍ୟାନୁଷ୍ଠାନ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ଦ୍ୱାରା ପ୍ରସ୍ତୁତ ବହୁଚର୍ଚ୍ଚିତ ନାଟକ 'ମୁଁ ଚକରା କହୁଛି' ଏବଂ ବାଜି ରାଉତଙ୍କ ଉପରେ ରଚିତ 'ମୁକ୍ତି ସଳିତା' ଆସନ୍ତା ୪ ତାରିଖରେ କାତାର ଦେଶର ରାଜଧାନୀ ଦୋହାରେ ପ୍ରଦର୍ଶିତ ହେବ। ଉଭୟ ନାଟକ ଓଡ଼ିଆ ଭାଷାରେ ହୋଇଥିବାବେଳେ ସେଥିରେ ଅଲଟରନେଟିଭ ରିଦମ ଥିଏଟରର ନାଟ୍ୟଶିଳ୍ପୀମାନେ ଅଭିନୟ କରୁଛନ୍ତି। ବିଶିଷ୍ଟ ବିପ୍ଳବୀ ଚକରା ବିଶୋଇଙ୍କ ଜୀବନୀ ଏବଂ ବୀରତ୍ୱର କାହାଣୀ 'ମୁଁ ଚକରା କହୁଛି' ନାଟକରେ ରହିଥିବା ବେଳେ, ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କର ଜୀବନ ସଂଗ୍ରାମ ଏବଂ ବଳିଦାନର କଥା କହିବ 'ମୁକ୍ତି ସଳିତା' ନାଟକ। ବିଶିଷ୍ଟ ନାଟ୍ୟକାର ମନ୍ମଥ କୁମାର ଶତପଥୀ 'ମୁଁ ଚକରା କହୁଛି' ନାଟକ ରଚନା କରିଥିବା ବେଳେ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଯୁବ ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସ 'ମୁକ୍ତି ସଳିତା' ନାଟକ ରଚନା କରିବା ସହିତ ଉଭୟ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି। କାତାରର ରାଜଧାନୀ ଦୋହାରେ ଥିବା ଭାରତୀୟ ଦୂତାବାସ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଉତ୍କଳିକା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବ ଏବଂ ୮୭ତମ ଉତ୍କଳ ଦିବସ ପାଳନ ଅବସରରେ ଏହି ଦୁଇ ନାଟକ ପ୍ରଦର୍ଶିତ ହେବ।

# ଅଫିସରେ ତାଲା, ଏସ୍‌ଡିଓଙ୍କୁ ଘେରାଉ

- ତାତିଲେ ବିଜେଡିର ୧୪ କାଉନସିଲର
- ବ୍ରାହ୍ମଣୀରୁ ସହରକୁ ଆସିଥିବା ପାଣି ପାଇପ୍ ଫାଟିଛି
- ୧୦ଦିନ ହେବ ସହରକୁ ଜଳଯୋଗାଣ ବନ୍ଦ

**ଢେଙ୍କାନାଳ ଅଫିସ,୨।୫**

ଢେଙ୍କାନାଳ ସଦର ବ୍ଲକ ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ ନିକଟରୁ ସହରକୁ ପାନୀୟଜଳ ଯୋଗାଣ ହେଉଥିବା ମୁଖ୍ୟ ପାଇପ୍ ଫାଟି ଯାଇଥିବାରୁ ୧୦ ଦିନ ହେବ ଜଳଯୋଗାଣ ବ୍ୟାହତ ହୋଇଛି। ଫଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ପାଣି ନ ପାଇ ଢେଙ୍କାନାଳ ସହରବାସୀ ଡହଳ ବିକଳ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ପୌରସଂସ୍ଥାର ୫ନଂ ୱାର୍ଡ ବିଜେଡିକାଉନସିଲର ତଥା ଉପନଗରପାଳ ପ୍ରକାଶ କୁଅଁରଙ୍କ ନେତୃତ୍ୱରେ ଅନ୍ୟ ୧୩ କାଉନସିଲର ଜୋରଦାର ଆନ୍ଦୋଳନ କରିଛନ୍ତି। ସେମାନେ ସହରସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇବା ସହ ବିଭାଗୀୟ ଏସ୍‌ଡିଓଙ୍କୁ ଘେରାଉ କରି ଧାରଣା ଦେଇଥିଲେ।



କାଉନସିଲରମାନେ ଜନସ୍ୱାସ୍ଥ୍ୟ ବିଭାଗ ଅଫିସରେ ତାଲା ପକାଇ ଧାରଣା ଦେଇଛନ୍ତି।

ପ୍ରକାଶ ଯେ, ଢେଙ୍କାନାଳ ସହରର ୨୩ଟି ୱାର୍ଡ ପାଇଁ ବର୍ତ୍ତମାନ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦୦ ଲକ୍ଷ ଲିଟର ପାଣି ଦୈନିକ ଯୋଗାଣ କରାଯାଉଛି। ସହରର ଲୋକ ସଂଖ୍ୟା ୭୭ ହଜାର ହୋଇଥିବା ବେଳେ ଯୋଗାଣ ହେଉଥିବା ଜଳ ପର୍ଯ୍ୟାପ୍ତ ହେଉନାହିଁ। ତେବେ ପାଣି ଯୋଗାଣ ପାଇଁ ବିଭାଗ ଦିନକୁ ୫ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାସକୁ ୨୨ଲକ୍ଷ ଟଙ୍କା ବିଦ୍ୟୁତ୍ ବିଲ୍ ପ୍ରଦାନ କରାଯାଉଛି। ଅନ୍ୟପଟେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜଳକର ବାବଦକୁ ପ୍ରାୟ ୩କୋଟି ଟଙ୍କା ବକେୟା ମଧ୍ୟ ପଡ଼ିଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସହରବାସୀ ଅଧିକ ଜଳ ଆବଶ୍ୟକ କରୁଛନ୍ତି। କିନ୍ତୁ ଏପରି ସମୟରେ ବିନା ସୂଚନାରେ ୧୦ ଦିନ ହେଲା ପିଇବା ପାଣି ଯୋଗାଣ ବନ୍ଦ ହୋଇଯାଇଛି। ଏପରି କି ପାଇପ୍ ମରାମତିରେ ତତ୍ପରତା ମଧ୍ୟ ପ୍ରକାଶ କରାଯାଉ ନାହିଁ। ସେହିପରି ପାଇପ୍ ଜଳରେ ବହୁ ପରିମାଣରେ ଲୁହାଗୁଣ୍ଡ ଓ ଅଳିଆ ରହୁଛି। ପାନୀୟ ଜଳର ଅଭାବ ସମୟରେ ରାଜବାଟୀ ନିକଟରେ ନିର୍ମାଣ ହେଉଥିବା ଏକ ଓଭରହେଡ ଟାଙ୍କି ପାଇଁ ଆଉ ଏକ ଟାଙ୍କିରୁ ପାଣି ଉଠାଯାଇ ବ୍ୟବହାର କରାଯାଉଥିବାରୁ କାଉନସିଲର ମାନେ ତୀବ୍ର ପ୍ରତିବାଦ କରିଥିଲେ । ଉପନଗରପାଳ ସମେତ ୨ନଂ ୱାର୍ଡର ଦୀପ୍ତିରଞ୍ଜନ ସେଠୀ, ୩ନଂ ୱାର୍ଡର ଅଭିମନ୍ୟୁ ପଣ୍ଡା, ୪ନଂ.ର ଲିପିକା ଦାସ, ୬ନଂ.ର ସନ୍ଦୀପ ଷଡଙ୍ଗୀ, ୭ନଂ.ର ସସ୍ମିତା ଭଞ୍ଜ, ୧୨ନଂ. ର ଶୁଭଲକ୍ଷ୍ମୀ ସାହୁ, ୧୩ନଂ.ର ସାଗିର ମହମ୍ମଦ, ୧୪ନଂ ୱାର୍ଡର ବଂଶୀଧର ଦଳେଇ, ୧୬ନଂ.ର ସବିତା ବେହେରା, ୧୭ନଂ.ର ମଧୁସ୍ମିତା ସ୍ୱାଇଁ, ୧୮ନଂ.ର ଗୀତା ଦେହୁରୀ, ୨୦ନଂ ୱାର୍ଡର କାଉନସିଲର ରୋଜାଲିନ ସାହୁ ଓ ୨୩ନଂ ୱାର୍ଡର କାଉନସିଲର ବ୍ରହ୍ମାନନ୍ଦ ମଲ୍ଲିକ ଆନ୍ଦୋଳନକୁ ଓହ୍ଲାଇଥିଲେ। ଖବରପାଇ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଫୋର୍ସ ସହ ପହଞ୍ଚି କାଉନସିଲରମାନଙ୍କୁ ବୁଝାସୁଝା କରିଥିଲେ। ଏହାପରେ କାର୍ଯ୍ୟାଳୟ ପରିସରରେ କାଉନସିଲର ଓ ବିଭାଗୀୟ ଏସ୍‌ଡିଓଙ୍କ ମଧ୍ୟରେ ପୋଲିସ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସୋମବାର ରାତି ସୁଦ୍ଧା ପାଇପ୍ ମରାମତି କାର୍ଯ୍ୟ ସାରିବା ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ତୁରନ୍ତ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ଉପନଗରପାଳ ଓ କାଉନସିଲରମାନେ ଦାବି କରିଥିଲେ। ଏ ସଂକ୍ରାନ୍ତରେ ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓ ଅଲେଖ ପରିଡ଼ା କୁହନ୍ତି, ଫାଟିଥିବା ପାଇପର ମରାମତି ପ୍ରାୟ ସରି ଆସିଲାଣି। ସକାଳେ ଏହା ଫାଟି ଯାଇଥିଲା। ରାତିସୁଦ୍ଧା ମରାମତି କାର୍ଯ୍ୟ ସାରିବାକୁ ଉଦ୍ୟମ ଜାରି ରହିଛି। ଜଳସଙ୍କଟ ଅଂଚଳରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯିବ। ପାଇପ ଫାଟିଥିବା ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇଥିଲୁ। କିନ୍ତୁ ସହରବାସୀଙ୍କୁ ଅବଗତ ନିମନ୍ତେ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ଏସ୍‌ଡିଓ ପ୍ରକାଶ କରିଛନ୍ତି।

## ପାଇଥିବା ସୁନାଚେନ୍ ଫେରାଇଲେ ସରପଞ୍ଚ



**ବଇଣ୍ଡା,୨।୫(ଡି.ଏନ.ଏ)** କିଛିଦିନ ତଳେ ନିଜ ଘର ସମ୍ମୁଖରୁ ପାଇଥିବା ଏକ ସୁନାଚେନକୁ କିଶୋରନଗର ବ୍ଲକ ନୁଁନୁକାପସି ସରପଞ୍ଚ ଦୀପ୍ତିମୟୀ ସାହୁ ସୋମବାର ପଞ୍ଚାୟତ କାର୍ଯ୍ୟାଳୟଠାରେ ହଜାଇ ଥିବା ବ୍ୟକ୍ତିଙ୍କୁ ଫେରାଇଛନ୍ତି। କିଛିଦିନ ତଳେ ବଇଣ୍ଡା ଅଞ୍ଚଳର ବ୍ୟବସାୟୀ କୈଳାଶ ଚନ୍ଦ୍ର ସାହୁ ସରପଞ୍ଚଙ୍କ ଘରକୁ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ତାଙ୍କର ସୁନାଚେନ ସରପଞ୍ଚଙ୍କ ଘର ଅଗଣାରେ ପଡିଯାଇଥିଲା। ସରପଞ୍ଚ ଉକ୍ତ ଚେନ ପାଇବା ପରେ ସୁନା ଚେନ ହଜିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲେ। ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କ ଉପସ୍ଥିତରେ ସୁନାଚେନ ହଜାଇଥିବା କୈଳାଶ ଚନ୍ଦ୍ରଙ୍କୁ ତାହା ଫେରାଇଥିଲେ। ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ କୈଳାଶ ପ୍ରଶଂସା କରିଥିବାବେଳେ ପୋଲିସ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

## ଦୁର୍ଘଟଣାରେ ଜଣେ ମୃତ

**ସାତମାଇଲ,୨।୫(ଡି.ଏନ.ଏ)** ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଦୁଦୁରକୋଟ ଦେଇ ଯାଇଥିବା ପୁରୁଣା କଟକ ସମ୍ବଲପୁର ରାସ୍ତାର ଖଦଖଦି ଛକଠାରେ ସୋମବାର ଏକ ବାଇକ୍‌କୁ କାର ଧକ୍କା ଦେଇଛି। ଏଥିରେ ବଅଁରପାଳ ଥାନା ବୁଢାପଙ୍କ ଗ୍ରାମର ସତ୍ୟବାଦୀ ପୃଷ୍ଟିଙ୍କ ପୁଅ ପ୍ରକାଶ ପୃଷ୍ଟି(୩୪)ଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ଜଣାପଡ଼ିଛି, ପ୍ରକାଶ ଓ ତାଙ୍କ ସାଙ୍ଗ ସରୋଜ ସାହୁ ବାଇକରେ ଫେରୁଥିବା ସମୟରେ ଏକ କାର ଧକ୍କା ଦେଇ ପଳାଇଥିଲା। ଖବରପାଇ ଖଜୁରିଆକଟା ଦମକଳ ବାହିନୀ ଉଭୟଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇ ଦେଇଛି।

## ୨ ମାସ ହେବ ୨୧ ଶିକ୍ଷକଙ୍କୁ ଦରମା ମିଳୁନି

**ବଇଣ୍ଡା,୨।୫(ଡି.ଏନ.ଏ)**

ଆଠମଲ୍ଲିକ ବ୍ଲକର ୨୧ ଜଣ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ୨ ମାସ ହେବ ଦରମା ମିଳୁନାହିଁ। ଫଳରେ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଶିକ୍ଷକମାନେ ସୋମବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେମାନେ ଦର୍ଶାଇଛନ୍ତି, ଶିକ୍ଷକମାନଙ୍କୁ ଦରମା ପ୍ରଦାନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ମଗାଯାଇଥିବା ପାନ୍‌କାର୍ଡ ନମ୍ବର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଦାଖଲ କରାଯାଇଛି। ହେଲେ ବିଭାଗର କେତେଜଣ କର୍ମଚାରୀ ୨୧ ଶିକ୍ଷକଙ୍କ ପାନକାର୍ଡ ନମ୍ବର କମ୍ପ୍ୟୁଟରରେ ଅପଲୋଡ କରି ନ ଥିବା ଯୋଗୁ ମାର୍ଚ୍ଚ ମାସଠାରୁ ସେମାନଙ୍କ ଦରମା ବନ୍ଦ ହୋଇଯାଇଛି। ଫଳରେ ସେମାନଙ୍କ ପରିବାର ଚଳାଇବାରେ ସମସ୍ୟା ଦେଖାଦେଇଛି। ଏପରିକି ବହୁ ଶିକ୍ଷକ ଜଙ୍ଗଲ ଅଧୁଷିତ ଅଞ୍ଚଳକୁ ବାଇକ୍‌ରେ ପାଠପାଇବା ପାଇଁ ଯାଉଥିବାବେଳେ ତେଲ ପକାଇବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଆକ୍ରୋଶମୂଳକ ଭାବେ ଶିକ୍ଷକଙ୍କ ଦରମା ବନ୍ଦ କରି ଅସୁବିଧା ସୃଷ୍ଟି କରାଯାଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଶିକ୍ଷକଙ୍କୁ ଦରମା ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟଠାରେ ଅନଶନ କରାଯିବ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ କହିଛନ୍ତି, ସମ୍ପୃକ୍ତ ଶିକ୍ଷକମାନଙ୍କୁ ମଗାଯାଇଥିବା ପାନକାର୍ଡ ନମ୍ବର ଦେବାରେ ବିଳମ୍ବ କରିଛନ୍ତି। କମ୍ପ୍ୟୁଟରରେ ଅପଲୋଡ ହେଲେ ସେମାନେ ଦରମା ପାଇବେ। କାହାରି ଦରମା ଆକ୍ରୋଶ ଭାବେ ବନ୍ଦ କରାଯାଇ ନାହିଁ।

## ସଡ଼କ ସୁରକ୍ଷା ଦିଗରେ ଟାଟାଷ୍ଟିଲର ପଦକ୍ଷେପ

### ଟ୍ରକ୍ ପାଇଁ ୩ଟି ପାର୍କିଂୟାର୍ଡ ବ୍ୟବସ୍ଥା

**ଢେଙ୍କାନାଳ ଅଫିସ,୨।୫**

ଢେଙ୍କାନାଳ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କାରଖାନା ଭିତରକୁ ଆସୁଥିବା ଟ୍ରକ୍‌ଗୁଡିକୁ ପାର୍କିଂସ୍ଥାନ ଯୋଗାଇଦେବା ନିମନ୍ତେ ୩ଟି ନୂତନ ପାର୍କିଂ ୟାର୍ଡ ବ୍ୟବସ୍ଥା କରାଯାଇଛି। ୫୫ନଂ. ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍‌କୁ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଇଟାପ ଗ୍ରାମ ନିକଟରେ ଥିବା ୬.୮ ଏକର ଜମିରେ ଏହି ବଡ ପରିବହନ ପାର୍କିଂ ସ୍ଥାନ କରାଯାଇଛି। ଏଠାରେ ଗୋଟିଏ ପ୍ରବେଶ ଓ ଗୋଟିଏ ପ୍ରସ୍ଥାନ ଫାଟକ ସହିତ ପାର୍କିଂୟାର୍ଡ ଭିତରେ ସୁରକ୍ଷା ପାଇଁ ୩ଟି ଚେକ୍ ପଏଣ୍ଟ ଏବଂ ୧୨୦ଟି ଗାଡି ପାର୍କିଂ ବ୍ୟବସ୍ଥା ରହିଛି। ଏଠାରେ ପ୍ରତିଦିନ ୨୭୦ଟି ବଡ ଟ୍ରକ୍ ଓ ଟ୍ରେଲର ପାର୍କିଂ କରୁଛନ୍ତି। ଏତଦ୍‌ବ୍ୟତୀତ ଏଠାରେ ଡ୍ରାଇଭରମାନଙ୍କ



କମ୍ପାନୀ ପକ୍ଷରୁ କରାଯାଇଥିବା ପାର୍କିଂୟାର୍ଡ।

ସୁବିଧା ପାଇଁ ନିଜସ୍ୱ କ୍ୟାବିନ, ବିଶ୍ରାମ କକ୍ଷ ଓ ଶୌଚାଳୟର ବ୍ୟବସ୍ଥା କରାଯାଇଛି। ସମସ୍ତ ସୁରକ୍ଷା ନିୟମ ପାଳନ କରୁଥିବା ଗାଡିକୁ ଏଠାରେ ପାର୍କିଂ କରାଯିବ। ଲୋଡିଂ ଓ ଅନଲୋଡିଂ ସ୍ଥାନରୁ ଡାକରା ନ ଆସିବା ପର୍ଯ୍ୟନ୍ତ କିମ୍ବା ପ୍ରବେଶ ନିଷେଧ ସମୟରେ କୌଣସି ଟ୍ରକ୍‌କୁ କାରଖାନା ଭିତରକୁ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ। ସେହିପରି କାରଖାନା ଓ ସାମଗ୍ରୀ ପରିବହନ ଫାଟକ ନିକଟରେ ୨ଟି ଅତିରିକ୍ତ ପାର୍କିଂୟାର୍ଡ ବିକଶିତ କରାଯାଉଛି। ଏଠାରେ ୯୦ଟି ଗାଡିର ପାର୍କିଂ ବ୍ୟବସ୍ଥା କରାଯାଉଛି। ଭବିଷ୍ୟତରେ ଆହୁରି ୧୦୦ଟି ଟ୍ରକ୍ ପାଇଁ କାରଖାନା ପାର୍ଶ୍ୱବର୍ତ୍ତୀ ଜାତୀୟ ରାଜପଥ ନିକଟରେ ଏକ ପାର୍କିଂସ୍ଥାନ କରାଯିବାର ଯୋଜନା ରହିଛି। କାରଖାନା ନିକଟସ୍ଥ ୫୫ନଂ ଜାତୀୟ ରାଜପଥରେ ଟ୍ରକ ପାର୍କିଂକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନୀର ସୁରକ୍ଷା ଲଜିଷ୍ଟିକ୍ସ ଓ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ ବ୍ୟବସ୍ଥା କରାଯାଉଛି। ଟ୍ରାଫିକ ପରିଚାଳନାକୁ ସୁଗମ କରିବା ପାଇଁ ଜାତୀୟ ରାଜପଥରେ ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହାସହିତ ସ୍ଥାନୀୟ ଅଞ୍ଚଳରେ ଲୋକମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ ପାଇଁ ନିୟମିତ ଭାବେ ଯାତ୍ରୀ, ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ନିମନ୍ତେ ସଚେତନତା ଅଭିଯାନ ଆୟୋଜନ କରାଯାଉଛି। ପ୍ରଶାସନ ସହାୟତାରେ ୫୫ନଂ ଜାତୀୟ ରାଜପଥରେ ମେଗା ସଡକ ସୁରକ୍ଷା ସଚେତନତା ରାଲି, ମଦ୍ୟପାନ ଯାଞ୍ଚ ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଫ୍ଲଡ୍ ଲାଇଟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

### ୮ଟି ଦଳ ଭାଗନେବେ, ୧୦ରେ ଫାଇନାଲ ମ୍ୟାଚ

**ଢେଙ୍କାନାଳ ଅଫିସ,୨।୫**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ପ୍ରଥମକରି ସ୍ଥାନୀୟ ଷ୍ଟାଡିୟମଠାରେ ଆସନ୍ତା ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫ୍ଲଡ୍‌ଲାଇଟ୍ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଖେଳାଯିବ। ପ୍ରତିଯୋଗିତାରେ ସ୍ପୋର୍ଟ୍ସ ହଷ୍ଟେଲ କଟକ, ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର, ମଙ୍ଗଳା କ୍ଲବ କଟକ, ସାଇ ଫୁଟବଲ କ୍ଲବ ସୋନପୁର, ୟୁନିଟ୍-୬ ଭୁବନେଶ୍ୱର, ପତାକା କ୍ଲବ ଅନୁଗୋଳ, ୟୁନାଇଟେଡ୍ କ୍ଲବ ବରଗଡ ଓ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ଭଦ୍ରକ ଦଳ ଭାଗନେବେ ବୋଲି ସୋମବାର ଅପରାହ୍ନ ୫ଟାରେ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି। ଆସନ୍ତା ୬ ତାରିଖରେ ପ୍ରଥମ ଓ ୯ରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରୁ ଫ୍ଲଡଲାଇଟ୍‌ରେ ରାତି ୯ଟା ପର୍ଯ୍ୟନ୍ତ ମ୍ୟାଚ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ୧ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି ବୋଲି ସମ୍ପାଦକ ସୂଚନା ପ୍ରଦାନ କରିଥିଲେ। ଏଥିପାଇଁ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଉଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ସଂସଦ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ମନୋଜ ପଟ୍ଟନାୟକ ଓ ଗୌରାଙ୍ଗ ସେଠୀ, କ୍ରୀଡାବିତ ଅଭିଜିତ ମିଶ୍ର, ପ୍ରତାପ ମହନ୍ତି, ସୁଶାନ୍ତ ଜେନା, ସରୋଜ ପାଢୀ, ସନ୍ତୋଷ କୁମାର କାନୁନଗୋ, ପି.କେ ବିହାରୀ ଓ ମହମ୍ମଦ ଆଜାଦ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ ଶୁଣାଣି ଶିବିର

**ଅନୁଗୋଳ ଅଫିସ,୨।୫**

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟରୁମଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୫୮ଟି ଅଭିଯୋଗରୁ ୪୮ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଶିବିରକୁଆସିଥିବା ଲୋକମାନେ ସାଧାରଣତଃ ଶିକ୍ଷା, ଖଣି ବିସ୍ଥାପିତ ପରିବାରିକ ସମସ୍ୟା, ଚିକିତ୍ସା ଓ ଜିଲା ସମାଜ ମଙ୍ଗଳ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଯୋଗ କରିଥିଲେ। ଚିକିତ୍ସା ନିମନ୍ତେ ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଆସିଷ୍ଟାଣ୍ଟ କଲେକ୍ଟର ମନୀଷା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଦିନରେ ଟ୍ରକ୍ ଧକ୍କାରେ ୩ ମୃତ, ୨ଗୁରୁତର

### କଟକଣା ସତ୍ତ୍ୱେ ସହରରେ ଗଡ଼ୁଛି ଭାରୀଯାନ

**କାମାକ୍ଷାନଗର,୨।୫(ଡି.ଏନ.ଏ)** ଢେଙ୍କାନାଳ ଜିଲା କାମାକ୍ଷାନଗରରେ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବଢ଼ିବାରେ ଲାଗିଛି। କଟକଣା ସତ୍ତ୍ୱେ ସହର ମଧ୍ୟରେ ଦ୍ରୁତ ଗତିରେ ଭାରୀଯାନ ଚଳାଚଳ କରୁଥିବାରୁ ଏହା ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ସେହିପରି ଟ୍ରାଫିକ ବ୍ୟବସ୍ଥା ଏବଂ ଗାଡ଼ିର ବେଗ ମାପିବା ଯନ୍ତ୍ର ନ ଥିବାରୁ ଦୁର୍ଘଟଣା ବଢୁଛି। ଗତ ୪ଦିନ ମଧ୍ୟରେ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ସୋମବାର ମଧ୍ୟାହ୍ନରେ ରେକୁଲା-ମହୁଲପାଳ ରାମିଆଳ ସେତୁ ଉପରେ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହୁଲପାଳ ଗ୍ରାମର ଧିରେନ କୁମାର ପଟ୍ଟନାୟକ(୫୫)। କ୍ଷତିପୂରଣ ଦାବିରେ ମହୁଲପାଳ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକାଇ ଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ରବିବାର ଜିରାଳ ମହୁଲପାଳ ପୂର୍ତ୍ତବିଭାଗ ରାସ୍ତାର ଦାନପଶି ନିକଟରେ ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା କଂଗେଇଲ ଗ୍ରାମର ନୀର ସ୍ୱାଇଁ, ପୁତୁରା ରାହୁଲ ସ୍ୱାଇଁ, ଝିଆରୀ ଲିଲି ସ୍ୱାଇଁ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନୀରଙ୍କ ମୃତ୍ୟୁ ଘଟିଥିଲା। ବୁଧବାର କାଦୁଆ ଗ୍ରାମର ଗୌରାଙ୍ଗ ବେହେରା(୩୮)ଙ୍କୁ ଆଳତୁମା ନିକଟରେ ଏକ ଟ୍ରକ୍ ଧକ୍କା ଦେଇ ପଳାଇଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। କଟକଣା ଥିଲେ ମଧ୍ୟ କେତେଜଣ ପୋଲିସ କର୍ମଚାରୀ ହାତଗୁଞ୍ଜା ନେଇ ସହରରକୁ ଭାରିଯାନ ଛାଡି ଦେଉଥିବା ଅଭିଯୋଗ ହୋଇଛି। ବ୍ୟବସାୟିକ ସଂଘ, ବିଭିନ୍ନ ଅନୁଷ୍ଠାନ, ସାଧାରଣ ନାଗରିକ ଏହାକୁ ନାପସନ୍ଦ କରିଛନ୍ତି।

## ୧୫୫ ଅଭିଯୋଗର ଶୁଣାଣି




ଶିବିରରେ ଉପସ୍ଥିତ ଅତିରିକ୍ତ ଜିଲାପାଳଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର,୨।୫(ଡି.ଏନ.ଏ)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ସମୁଦାୟ ୧୫୫ ଅଭିଯୋଗ ଆସିଥିଲା। ୬ଟି ସାମୂହିକ ଅଭିଯୋଗ ଥିବାବେଳେ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ଆବାସ ଯୋଜନା, ଜମିଜମା, ଭତ୍ତା, ପୋଲିସ ସଂକ୍ରାନ୍ତୀୟ ଅଭିଯୋଗ ରହିଥିଲା। ମୋଟ୍ ୧୧୨ ଅଭିଯୋଗର ଫଇସଲା ହୋଇଥିଲା। ଢେଙ୍କାନାଳ ଏସ୍‌ପି ଭି. ଦିବ୍ୟା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ତହସିଲଦାର ରମେଶ କୁମାର ଜେନା, ବିଡିଓ ବୁଲବୁଲ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଶୋକ କୁମାର ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ବିଶ୍ୱାଳ, ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ନାୟକ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଶ କୁମାର ଅଗ୍ରୱାଲ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା ରାୟ, ଜିଲା ବାଳିକା ଶିକ୍ଷା ସଂଯୋଜିକା ପ୍ରଦୀପ୍ତା ପ୍ରିୟଦର୍ଶିନୀ, ପ୍ରାଣୀ ଚିକିତ୍ସକ ଡା. ସତ୍ୟ ବିକ୍ରମ ତରାଇ, ବନପାଳ ସତ୍ୟନାରାୟଣ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସରକାରୀ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ

### ଜିଲାସ୍ତରୀୟ ଶ୍ରମିକ ଦିବସ

**ଢେଙ୍କାନାଳ ଅଫିସ,୨।୫**

ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ଶ୍ରମିକ ଦବସ ତଥା ଅନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସରକାରୀ ଯୋଜନାରେ ଶ୍ରମିକମାନେ ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଶିଶୁ ଶ୍ରମିକଙ୍କୁ ଠାବକରି ଥଇଥାନ ତଥା ଶିକ୍ଷା ଗ୍ରହଣ ନିମନ୍ତେ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ସମ୍ମାନିତ ଅତିଥି ଭାବେ



ଜିଲାସ୍ତରୀୟ ଶ୍ରମିକ ଦିବସ ଅବସରରେ ସହାୟତା ପ୍ରଦାନ କରାଯାଉଛି।

ଯୋଗଦେଇ ଶ୍ରମିକ ଅଧିକାର ସମ୍ପର୍କରେ ସଚେତନ କରିବା ପାଇଁ ସମସ୍ତେ ପ୍ରାଧାନ୍ୟ ଦେବା ଜରୁରୀ ବୋଲି କହିଥିଲେ। ଜିଲା ଶ୍ରମ ଅଧିକାରୀ ସତ୍ୟ ନାରାୟଣ ଆଚାର୍ଯ୍ୟ, ଶ୍ରମ ଆଇନ, ଶ୍ରମିକମାନଙ୍କ ପାଇଁ ଥିବା ସରକାରୀ ଆଇନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୯୩ ଜଣ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନାରେ ମୋଟ ୧କୋଟି ୨୩ ଲକ୍ଷ ୯୭ ହଜାର ୪୦୦ ଟଙ୍କା ଓ ୬ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କ ମୃତ୍ୟୁ ବାବଦରେ ତାଙ୍କ ପରିବାରଙ୍କୁ ୬ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଗ୍ରୀଷ୍ମପ୍ରବାହକୁ ନଜରରେ ରଖି ମୁଁ ଶ୍ରମିକ, ମୁଁ ଗର୍ବିତ ଲେଖାଥିବା ଗୋଟିଏ ଗୋଟିଏ ଟୋପି ପ୍ରଦାନ କରାଯାଇଥିଲା। ଶ୍ରମିକ ନେତା ବାସୁଦେବ ସାହୁ ଧନ୍ୟବାଦ ଦେଇଥିଲେ। ସହ ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ, ରଶ୍ମୀରଞ୍ଜନ ବରାଳ ଓ ଶ୍ରମ ନିରୀକ୍ଷକ ହଳଧର ବରାଳ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ ଅଫିସ ଘେରିଲେ ମହିଳା

ଅନୁଗୋଳ ଅଫିସ,୨।୫- ବେଆଇନ ମଦ ବିକ୍ରି ବନ୍ଦ ଦାବିରେ ସୋମବାର ଜିଲାପାଳଙ୍କ ଅଫିସ ଘେରିଛନ୍ତି ବଅଁରପାଳ ବ୍ଲକ କେନ୍ଦୁପଲ୍ଲୀ ଗାଁର ମହିଳାମାନେ। ସେମାନେ ଅଭିଯୋଗ କରିଛନ୍ତି, ଗାଁରେ ବେଆଇନ ଭାବେ ମଦ ବିକ୍ରି କରାଯାଉଛି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଗାଁର ପୁରୁଷମାନେ ମଦ ପିଇ ଘରେ ଗଣ୍ଡଗୋଳ କରୁଛନ୍ତି। ପ୍ରଶାସନ ସେମାନଙ୍କ ଅଭିଯୋଗ ଶୁଣୁ ନ ଥିବାରୁ ବାଧ ହୋଇ ସେମାନେ ଜିଲାପାଳଙ୍କୁ ଭେଟି ଗୁହାରି କରିବାକୁ ଆସିଛନ୍ତି। ଏ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ମଦ ଦୋକାନ ବନ୍ଦ ନ ହେଲେ ସେମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାମାନଙ୍କ ଏହି ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

### ବଲାସିଂହାରେ ହେବ ଅକ୍ଷିମୁଠି ଅନୁକୂଳ

ଅନୁଗୋଳ ଅଫିସ,୨।୫- ଅନୁଗୋଳ ବ୍ଲକ ବଲାସିଂହାର ବାଲିସାହି ଠାରେ ମଙ୍ଗଳବାର ଅକ୍ଷିମୁଠି ଅନୁକୂଳ କରାଯିବ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ, ଜିଲା ପରିଷଦ ସଭାପତି, ବ୍ଲକ ଅଧକ୍ଷ ଓ କୃଷି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଦେବରାଜ ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ସ୍ଥାନରୁ ଚାଷୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ନୂଆ ୬ ହଜାର ଚାଷୀ ପାଇବେ କାଳିଆ ଟଙ୍କା

ଅନୁଗୋଳ ଅଫିସ,୨।୫: ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ନୂଆକରି ସାମିଲ ହୋଇଥିବା ଅନୁଗୋଳ ଜିଲାର ୬ ହଜାର ଚାଷୀ ମଙ୍ଗଳବାର ଟଙ୍କା ପାଇବେ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ତାଲିକା ପ୍ରଦାନ କରାଯାଇଛି ବୋଲି ସୂଚନା ପ୍ରଦାନ କରାଯାଇଛି। ଏହି ନୂଆ ୬ ହଜାର ଚାଷୀଙ୍କୁ ମିଶାଇ ଜିଲାର ମୋଟ ୧ଲକ୍ଷ ୭୫ ହଜାର ଚାଷୀଙ୍କ ଆକାଉଣ୍ଟକୁ କାଳିଆ ଟଙ୍କା ପଠାଯିବ।

# ଧରାପଡ଼ିଲା ସାଇବର ଠକଙ୍କୁ ସିମ୍ ଦେଉଥିବା ର୍ୟାକେଟ



**ମାଷ୍ଟରମାଇଣ୍ଡ ସମେତ ୩ ଗିରଫ**

- ୧୯ ହଜାର ୬୪୧ ସିମ୍ କାର୍ଡ, ୧୪.୩୨ ଲକ୍ଷ ଟଙ୍କା ଜବତ
- ପ୍ରତି ସିମ୍ ନମ୍ବରକୁ ୪୦୦ ଟଙ୍କାରେ ବକ୍ରି କରୁଥିଲେ

## ୫ ଦିନିଆ ରିମାଣ୍ଡରେ ଆସିବେ ୩ ଅଭିଯୁକ୍ତ



ଅଭିଯୁକ୍ତମାନେ ୨ ବର୍ଷଧରି ଏହି ର୍ୟାକେଟ ଚଳାଉଥିଲେ। ଦୁଷ୍ମନ୍ତ 'ବୟର୍ ସେଲର୍ ଅଫ୍ ଓଟିପି' ଆପ୍ ଦ୍ୱାରା ସିମ୍ ନମ୍ବର ଦେଉଥିବାରୁ ଏକାଧିକ ସାଇବର ଠକ ତାଙ୍କ ଯୋଗାଯୋଗରେ ଥିବା ଆଶଙ୍କା ଦୃଢ଼ୀଭୂତ ହୋଇଛି। କେବଳ ଭାରତ ନୁହେଁ, ଦେଶ ବାହାରେ ମଧ ଅଭିଯୁକ୍ତମାନେ ପ୍ରସ୍ତୁତ କରୁଥିବା ନମ୍ବର ବ୍ୟବହାର ହେଉଥିବା ଜଣାପଡିଛି। ତେଣୁ ଏହି ମାମଲାକୁ ଗୁରୁତ୍ୱର ସହ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ତେଣୁ ଅଭିଯୁକ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରାଯାଇଥିଲା। କୋର୍ଟ ୫ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ର୍ୟାକେଟରେ ଥିବା ଏକାଧିକ ସଦସ୍ୟଙ୍କୁ ଧରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।

## ବାଚସ୍ପତି ଓମ୍ ବିର୍ଲାଙ୍କ ଫଟୋ ଲଗାଇ ଫସାଉଥିଲେ

୯୪୩୯୦୭୩୮୭୦ରେ ଏକ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ ରହିଥିବା ତଦନ୍ତବେଳେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ସେଥିରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଫଟୋ ଥିବା ଦେଖିବାକୁ ମିଳୁଛି। ସାଇବର ଠକମାନେ ନିହାତି ଏଭଳି ବହୁ ଲୋକପ୍ରିୟ ବ୍ୟକ୍ତିଙ୍କ ଫଟୋ ଲଗାଇ ସାଧାରଣ ଲୋକଙ୍କୁ ଜାଲରେ ଫସାଇ ଟଙ୍କା ଠକି ନେଉଥିବେ ବୋଲି କ୍ରାଇମବ୍ରାଞ୍ଚ ସନ୍ଦେହ କରି ଅଧିକ ତଦନ୍ତ ଚଳାଇଛି।

ଭୁବନେଶ୍ୱର,(ବ୍ୟୁରୋ)/ଢେଙ୍କାନାଳ ଅଫିସ,୨।୫: ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡକୁ ପ୍ରି-ଆକ୍ଟିଭେଟ୍ କରି ଉକ୍ତ ନମ୍ବରକୁ ସାଇବର ଠକଙ୍କୁ ଯୋଗାଉଥିବା ଏକ ର୍ୟାକେଟ କ୍ରାଇମବ୍ରାଞ୍ଚ ହାତରେ ଧରା ପଡ଼ିଛି। ର୍ୟାକେଟର ମାଷ୍ଟରମାଇଣ୍ଡଙ୍କ ସମେତ ୩ ଜଣଙ୍କୁ କ୍ରାଇମବ୍ରାଞ୍ଚର ସାଇବର ସେଲ୍ ଢ଼େଙ୍କାନାଳରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ଟାଉନ ଥାନା ଅଞ୍ଚଳର ସାଇ ପ୍ରାକଶ ଦାସ(୩୮), ମୀନା ବଜାର ଜଗନ୍ନାଥ ରୋଡ୍‌ର ଅବିନାଶ ନାୟକ (୩୨) ଓ ସଦର ଥାନା ନଡ଼ିଆଳି ଗ୍ରାମର ମାଷ୍ଟରମାଇଣ୍ଡ୍ ଦୁଷ୍ମନ୍ତ କୁମାର ସାହୁ(୨୩)। ସେମାନଙ୍କଠାରୁ ୧୯ ହଜାର ୬୪୧ ପ୍ରି-ଆକ୍ଟିଭେଟେଡ୍ ସିମ୍, ନଗଦ ୧୪ ଲକ୍ଷ ୩୨ ହଜାର ୮୯୨ ଟଙ୍କା, ୨୪୭ ରିଚାର୍ଜ ଭାଉଚର, ୪୮ ମୋବାଇଲ ଫୋନ୍, ଫିଙ୍ଗର ପ୍ରିଣ୍ଟ ସ୍କାନର, ବିଭିନ୍ନ ବ୍ୟାଙ୍କର ପାସବୁକ୍, କ୍ରେଡିଟ ଓ ଡେବିଟ୍ କାର୍ଡ, ଗୋଟିଏ ଲାପ୍‌ଟପ୍, ୪୪୦ କଲର ଫଟୋ, ୩୯୪ ଆଧାର କାର୍ଡ, ୧୧ କ୍ୟୁଆର୍ କୋଡ୍ ବୋର୍ଡ ଏବଂ ୧୦୮ କଷ୍ଟୋମର ଆପ୍ଲିକେଶନ୍ ଫର୍ମ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯିବା ପରେ ରବିବାର କଟକ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଡିଜି ସଞ୍ଜୀବ ପଣ୍ଡା ମାମଲାର ବିସ୍ତୃତ ବିବରଣୀ ଦେଇଛନ୍ତି। କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ଢେଙ୍କାନାଳ ସହର ଟାଉନପ୍ଲାନିଂ ନିକଟ ଅଞ୍ଚଳରେ ସାଇ ପ୍ରକାଶଙ୍କର ସ୍କାଏ ଆର୍ଟ ନାମରେ ଏକ ମୋବାଇଲ ଦୋକାନ ରହିଛି। ସେଠାରେ ଅବିନାଶ କର୍ମଚାରୀ ଭାବେ କାମ କରୁଥିଲେ। ସେମାନେ ବିଭିନ୍ନ ଲୋକଙ୍କ ଫଟୋ ଓ ଆଧାର କାର୍ଡ ନେଇ ବିଏସ୍‌ଏନ୍‌ଏଲ୍, ଜିଓ, ଭୋଡାଫୋନ୍ ଓ ଏୟାରଟେଲ ଆଦି କମ୍ପାନୀର ସିମ୍ କାର୍ଡକୁ ଆକ୍ଟିଭ୍ କରୁଥିଲେ। ଉକ୍ତ ସିମ୍ କାର୍ଡକୁ ମାଷ୍ଟରମାଇଣ୍ଡ ଦୁଷ୍ମନ୍ତଙ୍କୁ ଦେଉଥିଲେ। ଦୁଷ୍ମନ୍ତଙ୍କ ଫେସ୍‌ବୁକରେ ଏକ 'ବୟର୍ ସେଲର୍ ଅଫ୍ ଓଟିପି' ନାମରେ ଏକ ଗ୍ରୁପ୍ ରହିଛି। ଉକ୍ତ ଗ୍ରୁପ୍‌ରେ ଏକାଧିକ ସାଇବର ଠକ ମଧ ଯୋଡ଼ି ହୋଇ ରହିଛନ୍ତି। ଦୁଷ୍ମନ୍ତ ଉକ୍ତ ଗ୍ରୁପ୍‌ରେ ସିମ୍ ନମ୍ବର ପଠାଇ ଠକଙ୍କ ସହ ଡିଲ କରୁଥିଲେ। ସେପଟେ ସାଇବର ଠକମାନେ ମୋବିକ୍ୱିକ୍, ଧନିପେ, ଫ୍ଲିପ୍‌କାର୍ଟ, ଆମାଜନ, ମିନ୍ତ୍ରା, ବିଗ୍‌ବ୍ୟାସ୍କେଟ୍, ସ୍ୱିଗୀ, ଫୋନ୍‌ପେ', ଓଲା କାବ୍ ଭଳି ଆପ୍‌ରେ ଫେକ୍ ୱାଲେଟ-ଆକାଉଣ୍ଟ ଖୋଲିବା ସହ ଓ ରୁମି, ହାୱାଜାଟ୍ ଏବଂ ଟିବି ଗେମିଙ୍ଗ୍ ଆପ୍‌ରେ ମଧ ଆକାଉଣ୍ଟ ଖୋଲୁଥିଲେ। ଏପରିକି ସାଇବର ଠକମାନେ ହ୍ୱାଟ୍ସଆପ୍‌ରେ ଉକ୍ତ ନମ୍ବର ଦ୍ୱାରା ଫେକ୍ ଆକାଉଣ୍ଟ ଖୋଲି ଠକେଇ କରୁଥିଲେ। ଦୁଷ୍ମନ୍ତ ନିଜ ପାଖରେ ରଖିଥିବା ମୋବାଇଲ ଫୋନ୍‌ରେ ସିମ୍ ପୂରାଇ ଚଲାଉଥିଲେ। ଠକମାନେ ଆକାଉଣ୍ଟ ଖୋଲିବା ପରେ ଦୁଷ୍ମନ୍ତଙ୍କ ମୋବାଇଲକୁ ଓଟିପି ଆସୁଥିଲା। ସେ ଉକ୍ତ ଓଟିପି ଗ୍ରୁପ୍ ମାଧ୍ୟମରେ ପଠାଇଲେ ଠକମାନେ ବିଭିନ୍ନ ଆପ୍‌ରେ ଆକାଉଣ୍ଟ ଚଲାଉଥିଲେ। ଏଥିପାଇଁ ଦୁଷ୍ମନ୍ତ ଠକଙ୍କଠାରୁ ପ୍ରତି ସିମ୍ ନମ୍ବର ବଦଳରେ ସଙ୍ଗେ ସଙ୍ଗେ ୪୦୦ ଟଙ୍କା ଆଣୁଥିଲେ। ୯୪୩୯୦୭୩୮୭୦ ନମ୍ବରେ ଜଣେ ଲୋକପ୍ରିୟ ଲୋକଙ୍କ ଫଟୋ ଲଗାଇ ହ୍ୱାଟ୍ସଆପ୍ ଖୋଲାଯାଇଥିବା କ୍ରାଇମବ୍ରାଞ୍ଚ ନିକଟରେ ଖବର ପହଞ୍ଚିଥିଲା। ତୁରନ୍ତ କ୍ରାଇମବ୍ରାଞ୍ଚର ସାଇବର ଟିମ୍ ତଦନ୍ତ ଆରମ୍ଭ କରିଥିଲା। ଢେଙ୍କାନାଳ ଜିଲାରେ ସ୍କାଏ ଆର୍ଟ ନାମରେ ଏକ ଦୋକାନ ଏସବୁ ସିମ୍ ବିକ୍ରି କରୁଥିବା ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ଚଢ଼ାଉ କରିବା ସହ ପୂରା ଘଟଣାର ପର୍ଦ୍ଦାଫାଶ କରିଛି।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ

ତାଳଚେର,୨।୫(ନି.ପ୍ର.)

ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳମଛୁଇଁ ଯୁବକ ସଂଘ ପକ୍ଷରୁ ଶ୍ରମିକ ଦିବସ ଅବସରରେ ୧୫ତମ ରକ୍ତଦାନ ଶିବିର ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଳମଛୁଇଁ ଗ୍ରାମ ସମ୍ପାଦକ ଯୁଗଳ କିଶୋର ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅନୀଲ କୁମାର ପ୍ରଧାନ, ସମିତି ସଭ୍ୟ ଆଞ୍ଚଳ ପ୍ରଧାନ, ସ୍ୱେଚ୍ଛାସେବୀ ଯୋଗେନ୍ଦ୍ର ବେହେରା ଓ ଗଗନ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ରକ୍ତ ଭଣ୍ଡାର ପକ୍ଷରୁ ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଳମଛୁଇଁ ଯୁବକ ସଂଘ ସଦସ୍ୟ ମାନସ ସ୍ୱାଇଁ, କୁବେର ପ୍ରଧାନ, ଟୁଟୁ ସ୍ୱାଇଁ, ଲଳିତ ମୋହନ ସ୍ୱାଇଁ, ଶଙ୍କର୍ଷଣ ସ୍ୱାଇଁ, ମାନସ ସାହୁ, ପ୍ରଶାନ୍ତ ଭୂତିଆ, ଶ୍ରୀକାନ୍ତ ବେହେରା, ଶାନ୍ତନୁ ସେଠୀ, ବିକାଶ ସାହୁ, ବାପି ସାହୁ, ଲିପୁ ସାହୁ, ପ୍ରଦୀପ ସ୍ୱାଇଁ, ବାଦଲ ସାହୁ, ଅନୀଲ ସାହୁ, ଅମୀୟ ପ୍ରଧାନ, ବିଶିକେଶନ ପ୍ରଧାନ, ସାମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ, ତପନ ପଟ୍ଟନାୟକ ଓ ମୁନା ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ରକ୍ତଦାତାମାନଙ୍କୁ ରକ୍ତ ଭଣ୍ଡାର ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଭୋଜି ଖାଇ ୧୮ ଅସୁସ୍ଥ

ମାଧପୁର,୨।୫

ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତର ବାଜପୁର ଗ୍ରାମରେ ଝାଡ଼ାବାନ୍ତି ଯୋଗୁ ୧୮ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଗତ ୨୮ ତାରିଖରେ ଗାଁରେ ଭୋଜି ଖାଇବା ପରେ ଏମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ବୀଣାପାଣି ସେଠୀ ଆକ୍ରନ୍ତମାନଙ୍କୁ ୩ଟି ଆମ୍ବୁଲାନ୍ସ ଯୋଗେ ନେଇ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆକ୍ରାନ୍ତଙ୍କ ମଧ୍ୟରେ ୨ଜଣ ଶିଶୁ, ୯ ମହିଳା ଓ ୭ଜଣ ପୁରୁଷ ଅଛନ୍ତି। ସୋମବାର ଗାଁରେ ଏକ ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସନମୟ ପ୍ରଧାନ କହିଛନ୍ତି, ଆକ୍ରାନ୍ତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସୁନୀଲ ପଣ୍ଡା କହିଛନ୍ତି, ଗାଁ ସ୍ଥିତି ଅନୁଧ୍ୟାନ କରାଯାଉଛି।






# ୧୦୫୨ ହିତାଧିକାରୀଙ୍କୁ ଆର୍ଥିକ ସହାୟତା

ଅନୁଗୋଳ ଅଫିସ,୨।୫

## ଅନୁଗୋଳରେ ଶ୍ରମିକ ଦିବସ



ମୁଖ୍ୟ ଅତିଥି ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଅନୁଗୋଳ ଶ୍ରମ ଜିଲା ତରଫରୁ ରବିବାର ସ୍ଥାନୀୟ ପୌରପାଳିକା ଟାଉନ୍ ହଲଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ଯୋଗ ଦେଇ ସରକାରଙ୍କ ତରଫରୁ ଶ୍ରମିକମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ଠିକ୍ ଭାବେ ପ୍ରଦାନ କରାଯିବା ସହ ମଜୁରି ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଏଥିସହିତ ୧୦୫୨ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ୪ କୋଟି ୩୫ ଲକ୍ଷ ୪୫ ହଜାର ୨୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ସାହୁ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରମିକ ପରିବାରର ୩୮୯ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୧୯ ଲକ୍ଷ ୬୫ ହଜାର ୨୦୦ ଟଙ୍କା, ୪୬୦ ଜଣକୁ ବିବାହ ସହାୟତା ବାବଦରେ ୨ କୋଟି ୨୬ ଲକ୍ଷ ୨୫ ହଜାର ଟଙ୍କା, ୨୦ ଜଣକୁ ମାତୃତ୍ୱ ସହାୟତା ବାବଦରେ ୨ ଲକ୍ଷ, ୯୧ ପରିବାରକୁ ସଦସ୍ୟଙ୍କ ମୃତ୍ୟୁକାଳୀନ ସହାୟତା ବାବଦକୁ ୧ କୋଟି ୮୨ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୪ ଲକ୍ଷ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହିପରି ଭାବେ ୧୦୫୨ ଜଣଙ୍କୁ ୪ କୋଟି ୩୫ ଲକ୍ଷ ୪୫ ହଜାର ୨୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ ତରଫରୁ ୩୫୦ ଜଣଙ୍କୁ ଏବଂ ଓଡ଼ିଶା ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ୬୦ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ଶ୍ରମିକ ନେତା ଓ ଶ୍ରମିକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଆଇଏନ୍‌ଟିୟୁସି ପକ୍ଷରୁ ଶ୍ରମିକ ଦିବସ

ତାଳଚେର,୨।୫(ନି.ପ୍ର.)

ତାଳଚେରସ୍ଥିତ ଓଡ଼ିଶା କଲିୟାରୀଜ୍ ମଜଦୁର ସଂଘ (ଆଇଏନ୍‌ଟିୟୁସି) କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘ ଉପସଭାପତି କିଶୋର ଚନ୍ଦ୍ର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ଶ୍ରମିକ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ ଶାଖାରୁ କୋଷାଧ୍ୟକ୍ଷ ବୈକୁଣ୍ଠ କୁମାର ସାହୁ, ସମ୍ପାଦକ ବିଜୟ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ପ୍ରବୀର କୁମାର ସେଠୀ, ପ୍ରଫୁଲ୍ଲ ଜୀବନ ରାଓ, ରାଧାଗୋବିନ୍ଦ ମହାନ୍ତି, ଇନ୍ଦ୍ରଗୋବିନ୍ଦ ପାଢ଼ୀ, ପିଙ୍କୁ ପ୍ରଧାନ, ବିନୟ କୁମାର ସାହୁ, ଭାସ୍କର ସାହୁ, ବ୍ରହ୍ମା ନାଏକ, ପ୍ରଦୀପ ଗଡ଼ନାୟକ, ପ୍ରଶାନ୍ତ ବିଶ୍ୱାଳ, ଚିତ୍ତରଞ୍ଜନ ସ୍ୱାଇଁ, ସୁଧାକର ସାମଲ, ରଣଜିତ ପ୍ରଧାନ ଉପସ୍ଥିତ ଥିଲେ।


## ଶ୍ରୀ ଜୟଦେବ ଜୟନ୍ତୀ

୩ ମଇ ୨୦୨୨ (ଅକ୍ଷୟ ତୃତୀୟା)



DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧ୍ୟାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲ୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0036/2223

